# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 April – 2026**

---

# ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି । ଆଜିଠାରୁ ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ରାଜ୍ୟର ଲୋକମାନେ ପଣାସଂକ୍ରାନ୍ତିକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି । ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।  ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ ଆଜି ଜୟନ୍ତୀ ।  ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ । ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

# ଶ୍ରୀମନ୍ଦିର ନୀତିକାନ୍ତି

ଉତ୍କଳୀୟ ନବବର୍ଷ ଅବସରରେ ପୁରୀ ଶ୍ରୀମନ୍ଦିରରେ ଆଜି ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି । ବିଧି ଅନୁଯାୟୀ ସକାଳ ଧୂପ ପରେ ଶ୍ରୀଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ, ମହାବୀର, ଶ୍ରୀଜଗନ୍ନାଥ ବଲ୍ଲଭ ଏବଂ

ଦରିଆ ମହାବୀରଙ୍କ ନିକଟକୁ ବିଜେ କରାଯାଉଛି । ଶ୍ରୀକ୍ଷେତ୍ରର ଜାଗା ଆଖଡାରେ ମହାବୀରଙ୍କ ପୂଜାର୍ଚ୍ଚନା ଏବଂ ପଣା ଓ ଛତୁଆ ଭୋଗ କରାଯିବା ପରେ ମଲ୍ଲଯୋଦ୍ଧା ଓ ଯୁବକମାନେ ନୂତନ କୌପୁନି ପରିଧାନ କରି ମାଟିକୁସ୍ତି ସହ ମଲ୍ଲବିଦ୍ୟା ଓ ବ୍ୟାୟାମ କରିବାର ପରମ୍ପରା ରହିଛି ।

## ଆମ୍ବେଦ୍କର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୬ତମ ଜୟନ୍ତୀ ଅବସରରେ ଦେଶ ଶ୍ରଦ୍ଧାସୁମନ ଅର୍ପଣ କରୁଛି । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପ ସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦେଶ ଏବଂ ରାଜ୍ୟର ସବୁ ସ୍ତରରେ ଆଜି ବାବାସାହେବଙ୍କର ଜୟନ୍ତୀ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ଏହି ଉପଲକ୍ଷେ  ଆୟୋଜିତ ହେବାକୁ ଥିବା ଏକ ସାଧାରଣ ସଭାରେ  ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ଓଡ଼ିଆ ପକ୍ଷ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚଳିତ ମାସ ପହିଲାରୁ ଚାଲିଥିବା ଓଡ଼ିଆପକ୍ଷ ପାଳନର ଉଦ୍‌ଯାପନୀ ସମାରୋହ ଓ ଓଡ଼ିଆ ନବବର୍ଷ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ଆଜି ସନ୍ଧ୍ୟା ୬ଟାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଗତ ୧୩ ଦିନ ମଧ୍ୟରେ ପ୍ରତ୍ୟେକ ଦିନକୁ ଏକ ସ୍ୱତନ୍ତ୍ର ଦିବସ ପାଳନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା ।

# ବିଦ୍ୟୁତ୍-ବିଚ୍ଛିନ୍ନ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୌସୁମୀ ଋତୁ ଆସିବା ପର୍ଯ୍ୟନ୍ତ ଗ୍ରାହକଙ୍କର ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯିବ ନାହିଁ ବୋଲି ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବିଲ୍ ପୈଠ ନ କରିବା କାରଣରୁ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାଗୁଡ଼ିକ ଘରୋଇ ଗ୍ରାହକଙ୍କର ବିଦ୍ୟୁତ୍ ସଂଯୋଗକୁ ଅଘୋଷିତ ଭାବେ ବିଛିନ୍ନ କରିପାରିବେ ନାହିଁ। ଏହା ବ୍ୟତୀତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ବିଦ୍ୟୁତ୍ କାଟ୍ ହେଲେ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ କିମ୍ବା ଅନ୍ୟ ମାଧ୍ୟମରେ ଆଗୁଆ ସୂଚନା ଦିଆଯିବା ପାଇଁ ବାଧ୍ୟ କରାଯାଇଛି ।

# ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି ପ୍ରକ୍ରିୟା ଜାରି ରହିଛି । ଭିତର ରତ୍ନଭଣ୍ଡାରରେ ଗତକାଲି ୨୦ ପ୍ରକାର ଅଳଙ୍କାରର ଗଣତି ହୋଇଥିଲା । ୧୯୭୮ ମସିହା ଗଣତି ମଣତି ଅନୁଯାୟୀ ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ସୁବର୍ଣ୍ଣ ଓ ୨୩୧ ପ୍ରକାରର ରୁପା ଅଳଙ୍କାର ରହିଥିବା ତାଲିକା ରହିଛି । ଗଣତି ମଣତି ସମୟରେ ଶ୍ରୀଜୀଉମାନଙ୍କୁ ବର୍ତ୍ତମାନ ବାହାର କାଠ ନିକଟରୁ ଦର୍ଶନ କରାଯାଉଛି ।

# ଜିଲ୍ଲାପାଳ ସମୀକ୍ଷା

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ପଡ଼ିଆ ବ୍ଲକ ଗସ୍ତ କରି ସେଠାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ନିଲିଗୁଡ଼ାଠାରେ ନିର୍ମାଣାଧୀନ ଥିବା ହୋମିଓପାଥି ମେଡ଼ିକାଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଏକ ଆଧୁନିକ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜନଅଭିଯୋଗ ଶୁଣାଣି

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗତକାଲି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡାଠାରେ ଅନୁଷ୍ଠିତ ଶୁଣାଣି ଶିବିରରେ ୫ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା ।

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପଡ଼ିଆ ବ୍ଲକ ଅନ୍ତର୍ଗତ ନିଲିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଅନୁଷ୍ଠିତ ଶିବିରରେ ୮୪ଟି ଅଭିଯୋଗର ଶୁଣାଣି ହୋଇଥିଲା।  ଗଜପତି ଜିଲ୍ଲା କାଶୀନଗର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଜୀକୃତ ୧୫ଟି ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ୧୩୩ଟି ଅଭିଯୋଗର ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା।

---

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଉଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

---